# ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ

**ଡବ୍ଲ୍ୟୁ. ପି. (ସି) ସଂଖ୍ୟା 29161/ 2023**

(ଭାରତର ସମ୍ବିଧାନର ଅନୁଚ୍ଛେଦ 226 ଏବଂ 227 ଅଧୀନରେ ଏକ ଆବେଦନ)

---------------

ଦୟାସାଗର ନାୟକ ...... ଆବେଦନକାରୀ

-ବନାମ-

ଓଡ଼ିଶା ରାଜ୍ୟ ଏବଂ ଅନ୍ୟଜଣେ ...... ପ୍ରତିପକ୍ଷମାନେ

ଏହି ମାମଲାରେ ଉପସ୍ଥିତ ହୋଇଥିବା ଅଧିବକ୍ତା(ମାନେ):-

---

| | | |
|---|---|---|
| *ଆବେଦନକାରୀଙ୍କ ପାଇଁ* | : | ମେସର୍ସ ଜି.ସାହୁ,<br>ପି.ସାହୁ, ଅଧିବକ୍ତାମାନେ । |
| *ପ୍ରତିପକ୍ଷମାନଙ୍କ ପାଇଁ* | : | ଶ୍ରୀଯୁକ୍ତ ଏସ୍.ଦାସ<br>ରାଜ୍ୟ ପାଇଁ ଅତିରିକ୍ତ ସରକାରୀ ଅଧିବକ୍ତା । |

---

**ପୀଠାସୀନ:**

**ଶଶିକାନ୍ତ ମିଶ୍ର, ନ୍ୟାୟମୂର୍ତ୍ତି**

**ରାୟ**

**18 ଅକ୍ଟୋବର, 2023**

***ଶଶିକାନ୍ତ ମିଶ୍ର, ନ୍ୟାୟମୂର୍ତ୍ତି.***

ପୁନର୍ବାସ ସହାୟତା ଯୋଜନା ଅଧୀନରେ ନିଯୁକ୍ତି ପାଇଁ ତାଙ୍କୁ ଅଯୋଗ୍ୟ ବୋଲି ଦର୍ଶାଇ ସମ୍ବଲପୁରର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ (ପ୍ରତିପକ୍ଷ ସଂଖ୍ୟା 2)ଙ୍କ ଦ୍ଵାରା ପାରିତ ହୋଇଥିବା ତା23.03.2022ରିଖର (17.03.2022ରେ ସ୍ଵାକ୍ଷରିତ) ଆଦେଶ ଦ୍ଵାରା ବ୍ୟଥିତ ହୋଇ ଆବେଦନକାରୀ ଏହି ରିଟ୍ ଆବେଦନ ଦାଖଲ କରିଛନ୍ତି ।

2. ମାମଲାର ତଥ୍ୟ ହେଉଛି ଯେ, ଆବେଦନକାରୀଙ୍କ ପିତା ଉପ ପ୍ରଭାଗ ଅଧିକାରୀ ପଶୁପାଳନ କର୍ମଚାରୀ, କୁଚିଣ୍ଡା (ପ୍ରତିପକ୍ଷ ସଂଖ୍ୟା 3)ଙ୍କ ଅଧୀନରେ ପଶୁପାଳନ ପ୍ରଶିକ୍ଷକ (ଭିଟି) ଭାବରେ କାର୍ଯ୍ୟ କରୁଥିଲେ ଏବଂ କାର୍ଯ୍ୟରତ ଅବସ୍ଥାରେ 03.11.2014ରେ ମୃତ୍ୟୁବରଣ କରିଥିଲେ । ସେ ତାଙ୍କ

ବିଧବା ପତ୍ନୀ, ଜଣେ ଝିଅ ଏବଂ ଜଣେ ପୁଅ (ଆବେଦନକାରୀ)ଙ୍କୁ ଛାଡି ଯାଇଛନ୍ତି । ଗୋଟିଏ ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟଙ୍କ ମୃତ୍ୟୁ ପରେ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଉକ୍ତ ବିଧବା ମହିଳା ଜଣକ ପୁନର୍ବାସ ସହାୟତା ଯୋଜନା ଅଧୀନରେ ନିଯୁକ୍ତି ପାଇଁ ଆବେଦନ କରିବାକୁ ଚାହୁଁଥିଲେ, କିନ୍ତୁ ସମ୍ବଲପୁରର ସି.ଡି.ଏମ୍.ଓ.ଙ୍କ ଦ୍ୱାରା 04.03.2015ରେ ପରିଚାଳିତ ଏକ ଡାକ୍ତରି ବୋର୍ଡରେ ସେ ସି.କେ.ଡି. ସହିତ ଡି.ଏମ୍. ଏବଂ ଏଚ.ଟି.ଏନ୍.ରେ ପୀଡ଼ିତ ଥିବାରୁ ସରକାରୀ ଚାକିରିରେ ଯୋଗଦେବାକୁ ଅଯୋଗ୍ୟ ଘୋଷିତ ହୋଇଥିଲେ । ତେଣୁ ଆବେଦନକାରୀ, ପୁନର୍ବାସ ସହାୟତା ଯୋଜନା ଅଧୀନରେ ନିଯୁକ୍ତି ପାଇଁ ପ୍ରତିପକ୍ଷ ସଂଖ୍ୟା 3 ନିକଟରେ ଆବେଦନ କରିଥିଲେ ଯାହା 11.03.2015ରେ ପଶୁପାଳନ ଏବଂ ପ୍ରାଣୀ ଚିକିତ୍ସା ସେବା ନିର୍ଦ୍ଦେଶକ (ପ୍ରତିପକ୍ଷ ସଂଖ୍ୟା 1)କୁ ପଠାଯାଇଥିଲା । ଏହା ଉଲ୍ଲେଖ କରାଯିବା ଉଚିତ ଯେ, ପୁନର୍ବାସ ସହାୟତା ଯୋଜନା ଅଧୀନରେ ଆବେଦନକାରୀ ନିଯୁକ୍ତିକୁ ନେଇ ସେମାନଙ୍କର କୌଣସି ଆପତ୍ତି ନାହିଁ ବୋଲି ଆବେଦନକାରୀଙ୍କ ମା ଏବଂ ଭଉଣୀ ମଧ୍ୟ ସତ୍ୟପାଠ ଦାଖଲ କରିଥିଲେ । 30.12.2017ରେ, ପ୍ରତିପକ୍ଷ ସଂଖ୍ୟା 3 ଆବେଦନକାରୀଙ୍କ ପ୍ରାସଙ୍ଗିକ ଦସ୍ତାବିଜ ପଠାଇବା ପାଇଁ ପ୍ରତିପକ୍ଷ ସଂଖ୍ୟା 2କୁ ଏକ ଚିଠି ଜାରି କରିଥିଲେ । ପୁନର୍ବାର 28.08.2018ରେ, ପ୍ରତିପକ୍ଷ ସଂଖ୍ୟା 3 ପ୍ରତିପକ୍ଷ ସଂଖ୍ୟା 2ଙ୍କୁ ଦସ୍ତାବିଜଗୁଡ଼ିକ ପୁନର୍ବାର ଦାଖଲ କରିଥିଲେ । 06.11.2018ରେ, ପ୍ରତିପକ୍ଷ ସଂଖ୍ୟା 2 ପ୍ରତିପକ୍ଷ ସଂଖ୍ୟା 3 କୁ ମାମଲାର ଚୂଡ଼ାନ୍ତକରଣ ପାଇଁ କିଛି ଦସ୍ତାବିଜ ଦାଖଲ କରିବାକୁ ନିବେଦନ କରିଥିଲେ । ଏହିପରି ଚିଠି ଅନୁଯାୟୀ, ପ୍ରତିପକ୍ଷ ସଂଖ୍ୟା 3 ତା26.02.2019ରିଖର ଚିଠି ସହିତ ପ୍ରତିପକ୍ଷ ସଂଖ୍ୟା 2ଙ୍କୁ ସମଗ୍ର ଦସ୍ତାବିଜ ପୁନର୍ବାର ଉପସ୍ଥାପନ କରିଥିଲେ । 12.06.2020ରେ, ପ୍ରତିପକ୍ଷ ସଂଖ୍ୟା 2 ଆବେଦନକାରୀଙ୍କୁ ଚିଠି ଲେଖି ଆବଶ୍ୟକ ଦସ୍ତାବିଜ ସହିତ ତାଙ୍କ ଆବେଦନକୁ ପୁନର୍ବାର ଉପସ୍ଥାପନ କରିବାକୁ କହିଥିଲେ । ଆବେଦନକାରୀ ତା07.01.2021ରିଖ ବିଶିଷ୍ଟ ଚିଠି ଦ୍ୱାରା ଆବଶ୍ୟକ ଦସ୍ତାବିଜ ଉପସ୍ଥାପନ କରିଥିଲେ । ଶେଷରେ ତା23.03.2022ରିଖର ଆଦେଶ ଦ୍ୱାରା, ପ୍ରତିପକ୍ଷ ସଂଖ୍ୟା 2 ଆବେଦନକାରୀଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରି କହିଥିଲେ ଯେ, ସେ ଏପରି ନିଯୁକ୍ତି ପାଇଁ ଯୋଗ୍ୟ ହେବା ପାଇଁ ଆବଶ୍ୟକ ଗୁଣ ହାସଲ କରିନାହାଁନ୍ତି । ଉକ୍ତ ଆଦେଶ ରିଟ୍ ଆବେଦନର ସଂଲଗ୍ନକ-13 ଭାବରେ ସଂଲଗ୍ନ ହୋଇଛି ଏବଂ ଏହାକୁ ଆକ୍ଷେପିତ କରାଯାଇଛି ।

3. ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀ ଜି. ସାହୁ ଏବଂ ରାଜ୍ୟ ପାଇଁ ବିଜ୍ଞ ଅତିରିକ୍ତ ସରକାରୀ ଅଧିବକ୍ତା ଶ୍ରୀ ଏସ୍. ଦାସଙ୍କ କଥା ଶୁଣିଲେ ।

4. ଶ୍ରୀ ସାହୁ ଯୁକ୍ତି କରିଲେ ଯେ, ଆବେଦନକାରୀ ଆବେଦନ ଉପରେ ବିଚାର କରିବାରେ ଘୋର ବିଳମ୍ବ ପାଇଁ ପ୍ରତିପକ୍ଷର କର୍ତ୍ତୃପକ୍ଷମାନେ ଦୋଷୀ ଏବଂ ଏହି ପ୍ରକ୍ରିୟାରେ ଆବେଦନକାରୀ ଓସିଏସ୍ (ପୁନଃଥଇତାନ ସହାୟତା) ନିୟମାବଳୀ, 1990 ଅଧୀନରେ ନିଯୁକ୍ତ ହେବାର ସମ୍ଭାବନାକୁ ବ୍ୟର୍ଥ କରିଥିଲେ । ଶ୍ରୀ ସାହୁ ଆହୁରି ଯୁକ୍ତି କରିଛନ୍ତି ଯେ, ବିଳମ୍ବ ପାଇଁ ଆବେଦନକାରୀଙ୍କୁ ଦାୟୀ କରାଯାଇପାରିବ ନାହିଁ । ଯଦି ତାଙ୍କ ଆବେଦନକୁ ପ୍ରାସଙ୍ଗିକ ଅବଧିରେ ଅବିଳମ୍ବେ ବିଚାର କରାଯାଇଥିଲେ, ତାଙ୍କ ପାଖରେ ଥିବା ଯୋଗ୍ୟତାକୁ ଦୃଷ୍ଟିରେ ରଖି ସେ ତୃତୀୟ ଶ୍ରେଣୀ ପଦବୀ ହାସଲ କରିପାରିଥାନ୍ତେ । ତଥାପି, କର୍ତ୍ତୃପକ୍ଷମାନେ ଗୁରୁତର ବିଳମ୍ବ ଏବଂ ଅବହେଳା ପାଇଁ ଦୋଷୀ ହେବା ସତ୍ତ୍ୱେ ଓସିଏସ୍ (ପୁନର୍ବାସ ସହାୟତା) ନିୟମାବଳୀ, 2020 ଅଧୀନରେ ତାଙ୍କ ମାମଲା ଉପରେ ବିଚାର କରି ତାଙ୍କୁ ସୁବିଧା ଦେବାକୁ ମନା କରିଛନ୍ତି । ଶ୍ରୀ ସାହୁ ତାଙ୍କ ଯୁକ୍ତିକୁ ସମର୍ଥନ କରି **ମଳୟାନନ୍ଦ ସେଠୀ ବନାମ ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ** ମାମଲାରେ (2022)2 OLR 1 (SC)ରେ ବିବୃତ ହୋଇଥିବା ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ଦର୍ଶାଇଛନ୍ତି ।

5. ବିପରୀତରେ, ବିଜ୍ଞ ରାଜ୍ୟ ଅଧିବକ୍ତା ଶ୍ରୀ ଦାସ, ଦର୍ଶାଇଛନ୍ତି ଯେ, ବର୍ତ୍ତମାନର ନିୟମକୁ ଅଣଦେଖା କରିବା ପାଇଁ ବିଳମ୍ବ ଏକ ଆଧାର ହୋଇପାରିବ ନାହିଁ କାରଣ ନୂତନ ନିୟମାବଳୀରେ ନିର୍ଦ୍ଦିଷ୍ଟ ଭାବରେ କୁହାଯାଇଛି ଯେ, ସମସ୍ତ ବିଦ୍ୟମାନ ଆବେଦନକୁ ଉକ୍ତ ନିୟମ ଅଧୀନରେ ବିଚାର କରିବାକୁ ପଡ଼ିବ । ତେଣୁ, ଆବେଦନକାରୀମାନଙ୍କ ଆବେଦନକୁ ପୁରୁଣା ନିୟମାବଳୀ ଅଧୀନରେ ବିଚାର କରାଯାଇ ପାରି ନଥିଲା । ଅଧିକନ୍ତୁ, ଆବେଦନକାରୀ ନିଜେ ଆବଶ୍ୟକ ଦସ୍ତାବିଜଗୁଡ଼ିକ ଉପସ୍ଥାପନ କରିବାରେ ବିଳମ୍ବ କରିଥିଲେ । ଶ୍ରୀ ଦାସ ଏହା ମଧ୍ୟ ଯୁକ୍ତି କରିଛନ୍ତି ଯେ, ପୁନର୍ବାସ ସହାୟତା ଯୋଜନା ଅଧୀନରେ ନିଯୁକ୍ତିର ଉଦ୍ଦେଶ୍ୟ ହେଉଛି ଏକ ଦୁର୍ଦ୍ଦଶା ଭୋଗୁଥିବା ପରିବାରକୁ ତୁରନ୍ତ ସଙ୍କଟରୁ ରକ୍ଷା କରିବା । ତେବେ, ତତ୍କାଳୀନ ମାମଲାରେ, ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରଠାରୁ ଏତେ ବର୍ଷ ବିତି ଯିବାରୁ, ତୁରନ୍ତ ସଙ୍କଟ ଆଉ ରହୁନାହିଁ ।

6. ମାମଲାର ତଥ୍ୟଗୁଡ଼ିକ ବିବାଦୀୟ ନୁହେଁ ଯେହେତୁ ଆବେଦନକାରୀଙ୍କ ପିତା 03.11.2014ରେ ମୃତ୍ୟୁବରଣ କରିଥିଲେ ଏବଂ ତାଙ୍କ ମା ସରକାରୀ ଚାକିରି ପାଇଁ ଅଯୋଗ୍ୟ ଘୋଷିତ ହୋଇଥିଲେ । ଆବେଦନକାରୀ ତାଙ୍କ ପିତାଙ୍କ ମୃତ୍ୟୁର ଏକ ବର୍ଷ ଶେଷ ହେବା ପୂର୍ବରୁ ଆବେଦନ କରିଥିଲେ । ରିଟ୍ ଆବେଦନ ସହିତ ସଂଲଗ୍ନ ଦସ୍ତାବିଜରୁ ଏହା ଜଣାପଡ଼େ ଯେ, ଏହି ପ୍ରସଙ୍ଗରେ ପ୍ରତିପକ୍ଷ ସଂଖ୍ୟା 3 ଏବଂ ପ୍ରତିପକ୍ଷ ସଂଖ୍ୟା 2 ମଧ୍ୟରେ ଅନେକ ପତ୍ର ବିନିମୟ ଥିଲା ଯେଉଁଥିରେ ଆବେଦନକାରୀଙ୍କ ସମ୍ବନ୍ଧୀୟ ଆବେଦନ ଏବଂ ପ୍ରାସଙ୍ଗିକ ଦସ୍ତାବିଜ ଏକାଧିକ ଥର

ଦାଖଲ କରାଯାଇଛି । ଏହି ଆବେଦନ କେବଳ ଜୁନ୍, 2020ରେ ପ୍ରତିପକ୍ଷ ସଂଖ୍ୟା 1ର ଧ୍ୟାନ ଆକର୍ଷଣ କରିଥିବା ପରି ମନେହୁଏ । ଏହି ଆବେଦନକୁ 5 ବର୍ଷରୁ ଅଧିକ ସମୟ ଧରି କାହିଁକି ବିଚାରାଧୀନ ରଖାଯାଇଥିଲା ଏବଂ ନୂତନ ନିୟମାବଳୀ ଲାଗୁ ହେବା ସମୟରେ କାହିଁକି ଏହାକୁ ବିଚାର ପାଇଁ ନିଆଯାଇଥିଲା ସେ ସମ୍ପର୍କରେ କୌଣସି ବ୍ୟାଖ୍ୟା ନାହିଁ । ଏହି ନ୍ୟାୟାଳୟକୁ ବାରମ୍ବାର ଉଦ୍ଧୃତ ନୀତି ବିଷୟରେ ମନେ ପକାଇ ଦିଆଯାଇଛି ଯେ, 'ବିଳମ୍ବ ନ୍ୟାୟକୁ ପରାସ୍ତ କରେ' । ଏହା ଏପରି ଏକ ମାମଲା, ଯେଉଁଥିରେ ମୃତ ସରକାରୀ କର୍ମଚାରୀଙ୍କ ପରିବାର, ଯାହା ସ୍ପଷ୍ଟତଃ ତାଙ୍କ ଅକାଳ ମୃତ୍ୟୁ କାରଣରୁ ଦୁର୍ଦ୍ଦଶାରେ ପଡ଼ିଥିଲେ, ସରକାରଙ୍କ ଠାରୁ ଆବଶ୍ୟକ ସହାୟତା ପାଇ ନଥିଲେ, ଯାହାକି ଓ.ସି.ଏସ୍. (ପୁନର୍ବାସ ସହାୟତା) ନିୟମାବଳୀ, 1990 ଅଧୀନରେ ପୁଙ୍ଖାନୁପୁଙ୍ଖ ଭାବରେ ଅଛି । ଏହିପରି, କୌଣସି ଯଥାର୍ଥ କାରଣ ବିନା ଆବେଦନକୁ 5 ବର୍ଷ ପର୍ଯ୍ୟନ୍ତ ଦବେଇକି ରଖିକି, କର୍ତ୍ତୃପକ୍ଷମାନେ କେବଳ ପରିବାରର ବାରମ୍ବାର ଗୁହାରିକିକୁ ଅଣଶୁଣା କରିଛନ୍ତି । ଏହା ଯୁକ୍ତି କରାଯାଇଛି ଯେ, ବିଳମ୍ବତା ମାମଲାର ତତ୍କାଳୀନତାକୁ ଛଡାଇ ନେଇଛି, ଏହି ନ୍ୟାୟାଳୟ ବିଶେଷ ଭାବରେ ପ୍ରଭାବିତ ନୁହଁନ୍ତି, ଯେତେବେଳେ ବିଳମ୍ବତା କର୍ତ୍ତୃପକ୍ଷଙ୍କ କାରଣରୁ ଏବଂ ଆବେଦନକାରୀଙ୍କୁ ଦୋଷ ଦେବା ଉଚିତ ନୁହେଁ । ପ୍ରାୟ ସମାନ ମାମଲାରେ, **ମଳୟାନନ୍ଦ ସେଠୀ** (ଉପରୋକ୍ତ) ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ନିମ୍ନମତେ ରାୟ ଦେଇଛନ୍ତି:

> *14. ତେଣୁ, ପୂର୍ବୋକ୍ତରୁ, ଏହା ଦେଖିବାକୁ ମିଳିଥାଏ ଯେ, ଆବେଦନକାରୀଙ୍କ ତରଫରୁ ବିଲକୁଲ ଭି କୌଣସି ତ୍ରୁଟି ଏବଂ/କିମ୍ବା ବିଳମ୍ବ ଏବଂ/କିମ୍ବା ଅବହେଳା ନଥିଲା । ସେ 1990 ନିୟମାବଳୀ ଅଧୀନରେ ଅନୁକମ୍ପା ଭିତ୍ତିରେ ନିଯୁକ୍ତି ପାଇଁ ସମସ୍ତ ସର୍ତ୍ତ ପୂରଣ କରୁଥିଲେ । ବିନା କାରଣରେ, ତାଙ୍କ ଆବେଦନକୁ ବିଚାରାଧୀନ ରଖାଯାଇଥିଲା ଏବଂ/କିମ୍ବା କୌଣସି ନା କୌଣସି ଏକ ଆଧାରରେ କୌଣସି ଆଦେଶ ପାରିତ କରାଯାଇ ନଥିଲା । ତେଣୁ, ଯେତେବେଳେ ଆବେଦନକାରୀଙ୍କ ତରଫରୁ କୌଣସି ତ୍ରୁଟି ଏବଂ/କିମ୍ବା ବିଳମ୍ବ ହୋଇନଥିଲା ଏବଂ ସମଗ୍ର ସମୟରେ ବିଭାଗ/କର୍ତ୍ତୃପକ୍ଷମାନଙ୍କ ତରଫରୁ ବିଳମ୍ବ ହେଉଥିଲା, ଆବେଦନକାରୀଙ୍କୁ କଷ୍ଟ ଦେବା ଉଚିତ୍ ନୁହେଁ । 1990 ନିୟମାବଳୀ ଅନ୍ତର୍ଗତ ଆବେଦନକାରୀଙ୍କୁ ନିଯୁକ୍ତ ନକରିବା ପାଇଁ ବିଭାଗ/କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ବିଳମ୍ବ ଏବଂ/କିମ୍ବା ନିଷ୍କ୍ରିୟତା ଯୋଗୁଁ ଅଧିମୂଲ୍ୟ ପ୍ରଦାନ କରିବେ । ବିଭାଗ/କର୍ତ୍ତୃପକ୍ଷଙ୍କ ତରଫରୁ ଏକ ସମ୍ପୂର୍ଣ୍ଣ ନିଷ୍କ୍ରିୟତା ଥିଲା । ଏହି ତଥ୍ୟଗୁଡ଼ିକ ସ୍ପଷ୍ଟ ଏବଂ ନିଯୁକ୍ତି ପାଇଁ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ ଗ୍ରହଣ କରିବାରେ ଗୁରୁତର ବିଳମ୍ବତାକୁ ଦର୍ଶାଉଛି, ଯାହା ନିର୍ବିବାଦ ଭାବେ ବିଭାଗ/କର୍ତ୍ତୃପକ୍ଷଙ୍କ ଦ୍ୱାରା ଦାୟି ଅଟେ । ବାସ୍ତବରେ, ଆବେଦନକାରୀ ସହାନୁଭୂତିଶୀଳ ନିଯୁକ୍ତି ପାଇବା*

ପାଇଁ ବଞ୍ଚିତ ହୋଇଛନ୍ତି, ଯାହା ସେ ଅନ୍ୟଥା 1990 ନିୟମାବଳୀ ଅଧୀନରେ ପାଇବାକୁ ହକଦାର ଥିଲେ । ଆବେଦନକାରୀ ବିଭାଗ/ କର୍ତ୍ତୃପକ୍ଷମାନଙ୍କ ପାଇଁ ବିଳମ୍ବତା ଏବଂ/କିମ୍ବା ନିଷ୍କ୍ରିୟତାର ଶିକାର ହୋଇଛନ୍ତି ଯାହା ଜାଣିଶୁଣି କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷମାନଙ୍କୁ ସବୁଠାରୁ ଭଲ ଭାବରେ ଜଣା କାରଣରୁ ହୋଇପାରେ । ତେଣୁ, ମାମଲାର ବିଶିଷ୍ଟ ତଥ୍ୟ ଏବଂ ପରିସ୍ଥିତିରେ, ବୃହତ ପ୍ରଶ୍ନକୁ ଖୋଲା ଏବଂ ଏକପାଖରେ ରଖି, ଯେପରି ଏଠାରେ ଉପରେ ପର୍ଯ୍ୟବେକ୍ଷଣ କରାଯାଇଛି, ଆମର ମତ ହେଉଛି ଯେ, ଏଠାରେ ଆବେଦନକାରୀଙ୍କୁ 1990 ନିୟମାବଳୀ ଅଧୀନରେ ନିଯୁକ୍ତିକୁ ପ୍ରତ୍ୟାଖ୍ୟାନ କରାଯିବ ନାହିଁ ।

15. ଉପରୋକ୍ତ ଆଲୋଚନାକୁ ଦୃଷ୍ଟିରେ ରଖି ଏବଂ ଉପରୋକ୍ତ କାରଣଗୁଡ଼ିକୁ ଦୃଷ୍ଟିରେ ରଖି, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ହୋଇଥିବା ଆକ୍ଷେପିତ ରାୟ ଏବଂ ଆଦେଶ ଏହାଦ୍ୱାରା ନାକଚ ଏବଂ ରଦ୍ଦ କରିଦିଆଗଲା । ଜୁଲାଇ, 2010ରେ କରାଯାଇଥିବା ମୂଳ ଆବେଦନ ଅନୁଯାୟୀ 1990 ନିୟମାବଳୀ ଅଧୀନରେ ସହାନୁଭୂତିଶୀଳ ଭିତ୍ତିରେ ନିଯୁକ୍ତି ପାଇଁ ଆବେଦନକାରୀଙ୍କ ମାମଲା ବିଚାର କରିବାକୁ ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଯଦି ସେ ଅନ୍ୟଥା କନିଷ୍ଠ କିରାଣୀ ପଦବୀରେ ତାଙ୍କୁ ନିଯୁକ୍ତ କରିବାକୁ ଯୋଗ୍ୟ ବୋଲି ଜଣାପଡ଼େ । ଉପରୋକ୍ତ କାର୍ଯ୍ୟ ଆଜିଠାରୁ ଚାରି ସପ୍ତାହ ମଧ୍ୟରେ ଶେଷ ହେବ । ତେବେ, ଏହା ପରିଲକ୍ଷିତ ହୋଇଛି ଯେ, ଆବେଦନକାରୀ କେବଳ ତାଙ୍କ ନିଯୁକ୍ତି ତାରିଖ ଠାରୁ ସମସ୍ତ ସୁବିଧା ପାଇବାକୁ ହକଦାର ହେବେ । ତଦନୁସାରେ ବର୍ତ୍ତମାନର ଆବେଦନକୁ ମଞ୍ଜୁର ଦିଆଯାଉଛି ।  ତେବେ, ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ଖର୍ଚ୍ଚ ବିଷୟରେ କୌଣସି ଆଦେଶ ରହିବ ନାହିଁ ।

16. ବର୍ତ୍ତମାନର ଆଦେଶ ସହିତ ବିଦାୟ ନେବା ପୂର୍ବରୁ, ଆମେ ଏହି ମନ୍ତବ୍ୟ କରିବାକୁ ବାଧ ଯେ, ଅନୁକମ୍ପା ଆଧାରରେ ନିଯୁକ୍ତିର ଅଭିପ୍ରାୟ ଏବଂ ଉଦ୍ଦେଶ୍ୟକୁ ବିଚାରକୁ ନେଇ, ଅର୍ଥାତ୍, ଜଣେ ମୃତ କର୍ମଚାରୀଙ୍କ ପରିବାରକୁ ଚାକିରିରେ ଥିବାବେଳେ କର୍ମଚାରୀଙ୍କ ଅକାଳ ମୃତ୍ୟୁ ପରେ ଆର୍ଥିକ କଷ୍ଟ ସ୍ଥିତିରେ ରଖାଯାଇପାରେ ଏବଂ ତାଙ୍କ ଅକାଳ ମୃତ୍ୟୁ ପରେ ମୃତ ବ୍ୟକ୍ତିଙ୍କ ପରିବାରକୁ ଆର୍ଥିକ ସହାୟତା ଆଦେଶ କରିବାରେ ଆଧାର କିମ୍ବା ନୀତି ତତକ୍ଷଣାତ ଅଟେ, କର୍ତ୍ତୃପକ୍ଷମାନେ ଯଥାଶୀଘ୍ର, ପ୍ରଚଳିତ ନୀତି ଅନୁଯାୟୀ ଅନୁକମ୍ପା ଭିତ୍ତିରେ ନିଯୁକ୍ତି ପାଇଁ ଏହିପରି ଆବେଦନ ଉପରେ ବିଚାର କରିବା ଏବଂ ନିଷ୍ପତ୍ତି ନେବା ଆବଶ୍ୟକ, କିନ୍ତୁ, ଏହିପରି ସମ୍ପୂର୍ଣ୍ଣ ଆବେଦନ ଦାଖଲ ତାରିଖ ଠାରୁ ଛଅ ମାସର ଅବଧି ବାହାରେ ନୁହେଁ ।"

7.	ବିଶିଷ୍ଟ ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଏହି ନ୍ୟାୟାଳୟ ଜାଣିବାକୁ ପାଇଛନ୍ତି ଯେ, **ମଳୟାନନ୍ଦ ସେଠୀ** (ଉପରୋକ୍ତ)ରେ ଦିଆଯାଇଥିବା ରାୟର ଅନ୍ତର୍ନିହିତ ନୀତି ବର୍ତ୍ତମାନର ମାମଲାରେ ସମ୍ପୂର୍ଣ୍ଣ ଭାବରେ ପ୍ରଯୁଜ୍ୟ ହେବ ।

8.	ତେଣୁ, ପୂର୍ବଗାମୀ କାରଣଗୁଡ଼ିକ ପାଇଁ, ରିଟ୍ ଆବେଦନକୁ ଅନୁମତି ଦିଆଯାଇଛି । ସଂଲଗ୍ନକ-13 ଅଧୀନରେ ଥିବା ଆକ୍ଷେପିତ ଆଦେଶକୁ ଏହାଦ୍ୱାରା ରଦ୍ଦ କରାଯାଇଛି । 1990 ନିୟମାବଳୀ ଅନୁଯାୟୀ ପୁନର୍ବାସ ସହାୟତା ଯୋଜନା ଅଧୀନରେ ନିଯୁକ୍ତି ପାଇଁ ଆବେଦନକାରୀ ଆବେଦନ ଉପରେ ପୁନର୍ବିଚାର କରିବାକୁ ପ୍ରତିପକ୍ଷ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଯେହେତୁ 2014 ମସିହାରେ ସରକାରୀ କର୍ମଚାରୀଙ୍କ ଦେହାନ୍ତ ହୋଇଥିଲା, ତେଣୁ କର୍ତ୍ତୃପକ୍ଷମାନେ ଆବେଦନକାରୀଙ୍କ ଆବେଦନକୁ ଯଥାଶୀଘ୍ର, ବିଶେଷ କରି ଆବେଦନକାରୀଙ୍କ ଦ୍ୱାରା ଏହି ଆଦେଶର ପ୍ରମାଣୀକୃତ ନକଲ ଉପସ୍ଥାପନ ତାରିଖ ଠାରୁ ଦୁଇ ମାସ ମଧ୍ୟରେ ସମାଧାନ କରିବା ଉଚିତ ।

.........................................

*ଶଶିକାନ୍ତ ମିଶ୍ର,*
*ନ୍ୟାୟମୂର୍ତ୍ତି*

*ଓଡ଼ିଶା ଉଚ୍ଚ ନ୍ୟାୟାଳୟ କଟକ,*
*18 ଅକ୍ଟୋବର, 2023/ଦୀପକ*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ସୁଶ୍ରୀ ଲୋପାମୁଦ୍ରା ମହାନ୍ତି**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**